# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 209 CUTTACK, MONDAY, JANUARY 25, 2016/MAGHA 5, 1937**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 12 ଜାନୁଆରୀ 2016

ସଂଖ୍ୟା 1062—RDM-LAA-JAJ–0012/2013–R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୁଆଁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ସାହସପୁର, ଥାନା ଧର୍ମଶାଳା ନଂ ୨୨୮, ଜିଲ୍ଲା ଯାଜପୁର ରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ତେଣୁ ,ଏତଦ୍ଦ୍ୱାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ ୨.୬୪ ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ–ଅର୍ଜନ (ସଂଶୋଧିତ) ଆଇନ୍ ୧୯୮୪ ଦ୍ୱାରା ସଂଶୋଧିତ ହେବା ପ୍ରକାରେ ୧୮୯୪ ର ଅଧିନିୟମ ଧାରା ୬(୧)ର ବ୍ୟବସ୍ଥା– ଅନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ–ଅର୍ଜନ ଆଇନ୍‌ର (୪) ୧ର ଧାରା ଅନୁଯାୟୀ ଅଧିସୂଚନା ନଂ. ୨୩୮୯୭–ରା.ବି.ପ., ତା ୨୨–୦୬–୨୦୧୩ ରିଖ, ରାଜପତ୍ର ସଂଖ୍ୟା ୨୨୪୨, ତା ୧୮–୧୧–୨୦୧୩ ରିଖରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଯାଜପୁରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and Published by the Director of Printing, Stationery and Publication, Odisha, Cuttack-10
Ex. Gaz 1510–173+20